# Akashvani, Sambalpur

## SAMBALPURI NEWS MORNING BULLETIN

## 8 August 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ - ଫୁଡ୍ ପ୍ରୋ        ଆଇ ଆଣ୍ଡ୍ ପି.ଆର୍

ଖାଦ୍ୟ ପ୍ରକ୍ରିୟାକରଣ୍ ଖାଲି ଶିଳ୍ପ ନୁହେଁ ଇଟା ଚାଷୀମାନ୍‌କର୍ ସମୃଦ୍ଧି, ଗ୍ରାମାଂଚଲ୍ ପରିବର୍ତ୍ତନ୍ ଆଉ ରାଜ୍ୟ ଶିଳ୍ପାୟନର୍ ସେତୁ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, । ନୂଆଦିଲ୍ଲୀ ନ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ କେ ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ୍ ଶିଳ୍ପ କ୍ଷେତ୍ର ନ ରାଏଜେ ଥିବା ସମ୍ଭାବନାକେ ନିବେଶକ୍‌ମାନ୍‌କର୍ ସାମ୍ନା ନ ଉପସ୍ଥାପନ୍ କରିଛନ୍ । ଇ କ୍ଷେତ୍ର ନ ନିବେଶ୍ ଚାଷୀମାନ୍‌କର୍ ଉତ୍ପାଦ୍, ମୂଲ୍ୟ ବଢ଼ାବାର୍, ଗାଁ ଗହଲ୍ ନ ନିଯୁକ୍ତି, ରପ୍ତାନୀ ବର୍‌କସ୍ କର୍‌ବାର୍ ସହେତେ ରାଜ୍ୟ ଅର୍ଥନୀତିକେ ଆହୁରି ବର୍‌କସ୍ କର୍‌ସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ୨୭ ଟା ବୁଝାମଣାପତ୍ର ଆଉ ୧୨ ଟା ନିବେଶ୍ ଆଗ୍ରହ ଜରିଏ ମୋଟ୍ ୪୩ ହଜାର ୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରାଜ୍ୟ

ସର୍‌କାର୍ ପାଇଛନ୍ । ଇଥି ୪୩ ହଜାର୍ ୩ ଶହ ୧୬ ଟା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା । କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ୩ ଶହ ନୁ ଅଏତ୍‌କା ଶିଳ୍ପ ପ୍ରତିନିଧି ଉଦ୍ୟୋଗୀ, ନିବେଶକ୍, ଯୋଗ୍ ଦେଇଥିଲେ । ଆଏଜ୍ ଗ୍ରେଟର୍ ନୋଏଡ଼ାଠାନେ ଭିଲ୍ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧିମାନ୍‌କୁ ନେଇକରି ଗୁଟେ ସମ୍ମିଳନୀର୍ ଆୟୋଜନ୍ କରାଯିବା ।

ରାଜସ୍ୱ ମନ୍ତ୍ରୀ -ସମୀକ୍ଷା          ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆଉ ଜିଲ୍ଲାପାଲ୍‌ମାନ୍‌କର୍ ଉଚ୍ଚାଦର୍‌ଜାର୍ ବୈଠକ୍‌ଥି ରାଜ୍ୟର୍ ବନ୍ୟା ନୁକ୍‌ସାନ୍ ଆକଲନ୍ ବାବ୍‌ଦେ ସମୀକ୍ଷା କରିଛନ୍ । ନୁକ୍‌ସାନ୍ ଆକଲନ୍ ଶେଷ୍ ଖେପେ ପୁହୁଁଚିଥିବାର୍ ବେଲେ ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ରିପୋର୍ଟ ସର୍‌କାର୍ ପାଇଛନ୍ । ଆଉ କେତେଟା ଜାଗାର୍ ବଏଡ଼୍ ପାଏନ୍ ନାଇଁ କମିଥିବାର୍‌ନୁ ସେସବୁ ଜିଲ୍ଲାର୍

ରିପୋର୍ଟ ପରିସ୍ଥିତି ସୁଧ୍ରିବାର୍ ଉତ୍ରୁ ଜଲ୍ଦି ପଠାବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ନୁକ୍ସାନ୍ ଆକଲନ୍ ଆଉ କ୍ଷତିଭର୍ନା ଦେବାର୍ଟା ତୁର୍ତି କର୍ବାର୍କେ ରାଜସ୍ୱ ମନ୍ତ୍ରୀ ସବୁ ଜିଲ୍ଲା ପ୍ରଶାସନ୍କେ ନିର୍ଦ୍ଦେଶ୍ ଦେଇଛନ୍ । ଏବ୍ତକ୍ ମିଲିଥିବା ରିପୋର୍ଟ ଅନ୍ସାରେ ୩ ହଜାର୍ ୫ ଶହ ୬୭ ଟା ଘର୍ ନୁକ୍ସାନ୍ ହେଇଥିବାର୍ ବେଲେ ୩୭ ହଜାର୍ ୨ ଶହ ୯୭ ହେକ୍ଟର୍ ଚାଷ୍ ଜମିର ନୁକ୍ସାନ୍ ହେଇଛେ । ବନ୍ୟା ମୁକାବିଲା ଲାଗି ଦିଆଯାଇଥିବା ସାହାଜ୍ ତୁର୍ତି କର୍ବାର୍କେ ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ । ଅଏତ୍କା ଟଙ୍କା ଦର୍କାର୍ ହେଲେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍ଫୁ ଯୁଗେଇ ଦେବାର୍କେ ନିଷ୍ପତି ହେଇଛେ ।

ରାଜ୍ୟପାଲ୍-ଜାତୀୟ ହସ୍ତତନ୍ତ ଦିବସ ଆଇ ଆଣ୍ଡ୍ ପି.ଆର୍

ହସ୍ତତନ୍ତକେ ଜୀବନ୍ଶୈଲୀର୍ ଅଂଶ କର୍ବାର୍ ସହେତେ ହପ୍ତାକ କମ୍ସେ କମ୍ ଦିନେ ହାତ୍ବୁନା କପ୍ଡ଼ା ପିନ୍ଧିକରି ବୁନ୍କର୍ ମାନ୍କୁ ସମର୍ଥନ୍ ଦେବାର୍ ଲାଗି ରାଜ୍ୟପାଲ୍ ହରିବାବୁ କମ୍ଭମ୍ପାଟି ଆହ୍ୱାନ୍ ଦେଇଛନ୍ । ଭୁବ୍ନେଶ୍ୱର୍ ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ହେଇଥିବା

ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ୍ ସମାରୋହଥି ଯୋଗ୍ ଦେଇକରି  ଜନପ୍ରତିନିଧି, ସର୍କାରୀ ଅଧିକାରୀ, ଶିକ୍ଷକ୍, ଭିନ୍ ଭିନ୍ କ୍ଷେତ୍ରର୍ ପେଶାଦାର୍ ଆଉ ଯୁବପିଢ଼ି ଓଡ଼ିଶାର୍ ହସ୍ତତନ୍ତ କପ୍ଡ଼ା ବେଭାର୍ କରିକରି ଉଦାହରଣ୍ ସୃଷ୍ଟି କର୍ବାର୍ ଉଚିତ୍ ବଲି କହିଛନ୍ । ହସ୍ତତନ୍ତ କପ୍ଡ଼ା ଘିନିକରି ଗୁଟେ ପରିବାର୍କେ ସମର୍ଥନ୍ ଆଉ ଗ୍ରାମୀଣ୍ ରୋଜ୍ଗାର୍କେ ବର୍କସ୍ ଆଉ ମହିଲାମାନ୍କୁ ସଶକ୍ତ କର୍ବାର୍ ସହେତେ ପାରମ୍ପରିକ ଜ୍ଞାନ୍ର ସୁରକ୍ଷା ଆଉ ସ୍ଥାନୀୟ ଅର୍ଥନୀତିକେ ମଜ୍ବୁତ୍ କର୍ବା ବଲି ରାଜ୍ୟପାଲ୍ କହିଛନ୍ ।

ସାର      ଆଇ ଆଣ୍ଡ୍ ପି.ଆର୍

ରାଏଜେ ଚଲ୍ତି ଖରିଫ୍ ଋତୁ ଲାଗି ସାର୍ର ଯୋଗାଣ ଆଉ ଠିକ୍କରି ବାଂଟ୍ବାର୍କେ ସୁନିଶ୍ଚିତ୍ କର୍ବାର୍ ଲାଗି ମାର୍କଫେଡ୍ ପ୍ରାଥମିକ୍ କୃଷି ସମବାୟ ସମିତି, ବୃହଦାକାର୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଆଉ ଖୁଚୁରା ବିକ୍ରେତାମାନ୍କର୍ ପାଖେ ପର୍ଯ୍ୟାପ୍ତ ପରିମାଣ୍ର ସାର୍ ମହଜୁଦ୍ ରହିଛେ । ଇତାର୍ଛଡ଼ା ତୃଣମୂଲ୍ସ୍ତର୍ ନ ସମବାୟ ସମିତି ମାନ୍କର୍ ଆବଶ୍ୟକତା ଆଉ ମହଜୁଦ୍ ଥିତିକେ

ନଜରରୁ ରଖିକରି ଯୋଗାଣ ଜାରି ରଖିବାକୁ ଉତ୍ପାଦନକାରୀ କମ୍ପାନୀ ଆଉ ମାର୍କଫେଡ୍‌କେ ନିର୍ଦ୍ଦେଶ ଦିଆଯାଇଛେ । ଜିଲ୍ଲାପାଳ ଜିଲ୍ଲା ମାଜିଷ୍ଟ୍ରେଟ୍ ମାନ୍‌କୁ ସାରର ସଠିକ୍ ବିନିଯୋଗ୍ ଉପ୍‌ରେ କଡ଼ା ନଜର୍ ରଖିବାର୍ ଲାଗି କହିଛନ୍ ।

ନିତ୍ୟାନନ୍ଦ ଗଣ୍ଡ ଆଇ ଆଣ୍ଡ୍ ପି.ଆର୍

ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ନ ଓଡ଼ିଶା ରାଜ୍ୟ ତୃତୀୟ ଲିଙ୍ଗି କଲ୍ୟାଣ୍ ବୋର୍ଡ଼ର ବୈଠକ୍ ହେଇଯାଇଛେ । ତୃତୀୟ ଲିଙ୍ଗି ସମ୍ପ୍ରଦାୟର୍ ସମାଜ୍‌ଥି ସମାନ୍ ସୁଯୋଗ୍ ଆଉ ସର୍ବାଙ୍ଗିନ୍ ବିକାଶ୍ ଲାଗି ଚାଲିଥିବା ଭିନ୍ ଭିନ୍ ଯୋଜ୍‌ନାର୍ ସମୀକ୍ଷା କରାଯିବାର୍ ସହେତେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ତୃତୀୟ ଲିଙ୍ଗି ମାନ୍‌କୁ ସରକାରୀ ଚାକିରୀଥି ସମାନ୍ ସୁଯୋଗ୍ ଦେବାର୍ ଲାଗି ଆବେଦନ୍ ପତ୍ର ଆଉ ନିଯୁକ୍ତି ନିୟମାବଳୀଥି ତୃତୀୟ ଲିଙ୍ଗି ବିକଳ୍ପ ସାମିଲ୍ କର୍‌ବାର୍‌କେ ମନ୍ତ୍ରୀ ସବୁ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ବାଏଲ୍ ଖାଦାନ୍ ଆର୍ଏନ୍ୟୁ/ କଟକ୍

ରାଏଜେ ସର୍ବନିମ୍ନ ସହାୟକ ମୂଲ୍ୟ ନୁ ଅଏତ୍କା ଦାମ୍ଥି ବାଏଲ୍ ବିକା ନାଇଁ ଯାଇପାରେ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ଇ-ଲଟ୍ରୀ ଜରିଏ ବାଏଲ୍ ଖାଦାନ୍ ନିଲାମ୍ ହେବା ବଲି ଶ୍ରୀ ଜେନା ସୂଚ୍ନା ଦେଇଛନ୍ । ସେଆଡ଼େ ଚୋରାବାଲି କାର୍ବାର୍ ରୁକ୍ବାର୍କେ ଭିନ୍ ଭିନ୍ ଜାଗା ନ ଚଢ଼ଉ କରାଯାଇକରି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଉଛେ ବଲି ମନ୍ତ୍ରୀ କହିଛନ୍ ।

ଏସ୍.ଆଇ.ଆର ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍.ଆଇ.ଆର୍ କାମ୍ର ସମୀକ୍ଷା କରାଯାଇଛେ । ଏସ୍.ଆଇ.ଆର୍ କାମ୍କେ ସଫଲତାର୍ ସହେତେ ସାର୍ବାର୍, ମେପିଂ ଆଉ ନିର୍ବାଚନୀ ତାଲିକାର୍ ପ୍ରସ୍ତୁତିଥି ଦେଖାଦଉଥିବା ସମସ୍ୟାର୍ ସମାଧାନ୍ ଆଉ ଧାରିଜ୍ ସମିଆ ଭିତ୍ରେ ସାର୍ବାର୍କେ ଜୋର୍

ଦିଆଯାଇଥିଲା । ବୈଠକ୍‌ରେ ଭିନ୍ ଭିନ୍ ରାଜନୈତିକ୍ ଦଳର୍ ପ୍ରତିନିଧି ଆଉ ବୁଥ୍ ଲେବଲ୍ ଏଜେଂଟ୍‌ମାନେ ଯୋଗ୍ ଦେଇଥିଲେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆଉ ତାକେ ଲାଗିକରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ହେଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।